# NATIONAL NEWS BULLETIN (ODIA)

**9 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରରେ ୭ ହଜାର ୬୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ହରିଆଣାରେ ବିଜେପି ଏବଂ ଜାମ୍ମୁ କାଶ୍ମୀରରେ ନ୍ୟାସନାଲ୍ କନ୍‌ଫରେନ୍ସ ଗଠନ କରିବ ସରକାର ।
- ଇଣ୍ଟର୍ନସିପ୍ ଯୋଜନାର ଲାଭ ଉଠାଇବାକୁ ଯୁବବର୍ଗ ଏବଂ ବ୍ୟାଙ୍କ୍ ଓ ଆର୍ଥିକ ଅନୁଷ୍ଠାନ ଗୁଡ଼ିକ ପରାମର୍ଶ ଦେଲେ ଅର୍ଥମନ୍ତ୍ରୀ ।
- ଗାଜା ଏବଂ ଲେବାନନ୍‌ରେ ତୁରନ୍ତ ଅସ୍ତ୍ରବିରତି ପାଇଁ ଆହ୍ୱାନ ଦେଲେ ଜାତିସଂଘ ମହାସଚିବ ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ଭାରତ-ଶ୍ରୀଲଙ୍କା ମୁକାବିଲା ।

## ପ୍ରଧାନମନ୍ତ୍ରୀ-ମହା-ପ୍ରୋଜେକ୍ଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମହାରାଷ୍ଟ୍ରରେ ୭ ହଜାର ୬୦୦ କୋଟିରୁ ଅଧିକ ବ୍ୟୟ ଅଟକଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିବେ । ନାଗପୁର ସ୍ଥିତ ଡକ୍ଟର ବାବାସାହେବ ଆମ୍ବେଦକର ଆନ୍ତର୍ଜାତିକ ବିମାନ ବନ୍ଦରର ଉନ୍ନତିକରଣ ଏବଂ ଶିରିଡ଼ି ବିମାନ ବନ୍ଦରର ନୂତନ ସମନ୍ୱିତ ଟର୍ମିନାଲ୍ କୋଠା ଏହି ପ୍ରକଳ୍ପ ମଧ୍ୟରେ ରହିଛି । ସହଜ ଏବଂ ଶୁଲଭ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ମୁମ୍ବାଇ, ନାସିକ, ଜଲନା, ଅମରବତୀ, ଗଡ଼ଚିରୋଲି, ବୁଲଧାନା, ୱାସିମ୍, ଭଣ୍ଡାରା, ହିଙ୍ଗୋଲି ଏବଂ ଥାନେ ଜିଲ୍ଲାର ଅମ୍ବରନାଥ ଠାରେ ସରକାରୀ ମେଡିକାଲ୍ କଲେଜ୍ ଗୁଡ଼ିକର ଉଦ୍‌ଘାଟନ କରିବେ । ମୁମ୍ବାଇ ସ୍ଥିତ ଭାରତୀୟ ଦକ୍ଷତା ପ୍ରତିଷ୍ଠାନକୁ ଉଦ୍‌ଘାଟନ କରିବା ସହ ସରକାରୀ ଓ ଘରୋଇ ସହଭାଗିତାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ କୃତ୍ରିମ ବୁଦ୍ଧିମତା, ଡାଟା ଆନାଲେଟିକ୍ସ, ରୋବୋଟିକ୍ସ ଭଳି କେତେକ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରିବ । ଶ୍ରୀ ମୋଦୀ ବିଦ୍ୟା ସମୀକ୍ଷା କେନ୍ଦ୍ରକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ପ୍ରଶାସକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ଏବଂ ପ୍ରଶାସନିକ ତଥ୍ୟ ଉପଲବ୍ଧ ହେବ ।

## ଭୋଟ୍ ଗଣତି

ହରିଆଣା ବିଧାନସଭା ନିର୍ବାଚନରେ ବିଜେପି ବହୁମତ ହାସଲ କରିଛି । ୯୦ଟି ବିଧାନସଭା ଆସନ ମଧ୍ୟରୁ ବିଜେପି ୪୮ଟିରେ ବିଜୟୀ ହୋଇଥିବା ବେଳେ କଂଗ୍ରେସକୁ ୩୭ଟି ଆସନ ମିଳିଛି । ଆଇ.ଏନ୍.ଏଲ୍.ଡି. ୨ଟି ଆସନ ଏବଂ ସ୍ୱାଧୀନ ପ୍ରାର୍ଥୀ ତିନୋଟି ଆସନକୁ ଅକ୍ତିଆର କରିଛନ୍ତି । ବିଜେପି ନେତା ତଥା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ୧୬ ହଜାର ଭୋଟ୍ ବ୍ୟବଧାନରେ ଲଡ୍‌ୱା ଆସନରୁ ବିଜୟୀ ହୋଇଛନ୍ତି । ଅମ୍ବାଲା କ୍ୟାଣ୍ଟେନ୍‌ମେଣ୍ଟ ଆସନରୁ ବିଜେପିର ଅନୀଲ ବିଜ୍ ବିଜୟୀ ହୋଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପିନ୍ଦର ସିଂହ ହୁଦା ଗର୍‌ହି ସମ୍ପାଲା କିଲୋଇ ଆସନରୁ ୭୧ ହଜାର ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । କଂଗ୍ରେସ ପକ୍ଷରୁ ଝୁଲଣ ଆସନରୁ ନିର୍ବାଚନ ଲଢୁଥିବା କୁସ୍ତି ଯୋଦ୍ଧା ଭିନେସ ଫୋଗତ୍ ବିଜୟୀ ହୋଇଛନ୍ତି । ହରିଆଣା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଜେ.ଜେ.ପି. ନେତା ଦୁଷିୟନ୍ତ ଚୌତାଲା, ବିଜେପିର ଜ୍ଞାନଚାନ୍ଦ ଗୁପ୍ତା ନିର୍ବାଚନରେ ହାରିଯାଇଛନ୍ତି । ଗତ ୫ ତାରିଖରେ ହରିଆଣା ବିଧାନସଭା ପାଇଁ ଏକକ ପର୍ଯ୍ୟାୟରେ ମତଗ୍ରହଣ କରାଯାଇଥିଲା ।

ଜାମ୍ମୁ କାଶ୍ମୀର ବିଧାନସଭା ଆସନରେ ନ୍ୟାସନାଲ୍ କନ୍‌ଫରେନ୍ସ ୪୨ଟି ସିଟ୍‌ରେ ବିଜୟୀ ହୋଇଥିବା ବେଳେ ଏହାର ସହଯୋଗୀ କଂଗ୍ରେସ ୬ଟି ଆସନ ପାଇଛି । ବିଜେପି ୨୯ଟି ସିଟ୍ ହାସଲ କରିଛି । ଜାମ୍ମୁ କାଶ୍ମୀର ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ୩ଟି, ଜାମ୍ମୁ କାଶ୍ମୀର ପିପୁଲ୍ସ କନ୍‌ଫରେନ୍ସ,

ସି.ପି.ଆଇ.ଏମ୍. ଏବଂ ଆମ୍ ଆଦମୀ  ପାର୍ଟି ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି । ୭ଟି ଆସନକୁ ସ୍ୱାଧୀନ ପ୍ରାର୍ଥୀ ଅକ୍ତିଆର କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ୍ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ୨ଟି ଯାକ ବିଧାନସଭା ଆସନ ବୁଡ଼ଗାଓଁ ଏବଂ ଗନ୍ଦେରବାଲରୁ ବିଜୟୀ ହୋଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ଗୁଲାମ୍ ମହମ୍ମଦ ମୀର୍ ଦୋରୁ ଆସନରୁ ବିଜୟୀ ହୋଇଛନ୍ତି । ପି.ଡି.ପି. ମୁଖ୍ୟ ମେହେବୁବା ମୁଫ୍‌ତୀଙ୍କ ଝିଅ ଇଲ୍‌ତିଜା ମୁଫ୍‌ତୀ ବିଜ୍‌ବେହରା ଆସରୁ ହାରି ଯାଇଛନ୍ତି ।

୯୦ ଆସନ ବିଶିଷ୍ଟ ଜାମ୍ମୁ କାଶ୍ମୀର ବିଧାନସଭା ପାଇଁ ତିନୋଟି ପର୍ଯ୍ୟାୟରେ ମତଗ୍ରହଣ କରାଯାଇଥିଲା ।

## ପ୍ରଧାନମନ୍ତ୍ରୀ-ସ୍ୱରାଷ୍ଟ୍ରମନ୍ତ୍ରୀ

ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ହରିଆଣା ବିଧାନସଭା ନିର୍ବାଚନରେ ବିଜେପିକୁ ବହୁମତ ମିଳିଥିବାରୁ କୃତଜ୍ଞତା ଜଣାଇଛନ୍ତି । ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ସ୍ୱତନ୍ତ୍ର ଥିଲା ବୋଲି ସେ କହିଛନ୍ତି । ହରିଆଣା ବିକାଶ ଏବଂ ସ୍ୱଚ୍ଛ ପ୍ରଶାସନକୁ ସ୍ୱୀକୃତି ମିଳିଛି ବୋଲି ସେ କହିଛନ୍ତି । ଧାରା ୩୭୦ ଏବଂ ୩୫-କ ଉଚ୍ଛେଦ ପରେ ପ୍ରଥମର ପାଇଁ ଜାମ୍ମୁ କାଶ୍ମୀରରେ ଅନୁଷ୍ଠିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବହୁ ମତଦାତାଙ୍କ ଯୋଗଦାନକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ସହ ଏହା ଉପରେ ଜାମ୍ମୁ କାଶ୍ମୀର ବାସୀଙ୍କ ବିଶ୍ୱାସ ପ୍ରତିଫଳିତ ହୋଇଛି ବୋଲି କହିଛନ୍ତି ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହରିଆଣା ବିଧାନସଭା ନିର୍ବାଚନ ଫଳାଫଳ ନେଇ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଜାମ୍ମୁ କାଶ୍ମୀରରେ ବିଜେପିର ମତଦାନ ହାର ବୃଦ୍ଧି ପାଇବା ନେଇ ଶ୍ରୀ ଶାହା ସନ୍ତୋଷ ପ୍ରକାଶ କରିଛନ୍ତି । ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ଉପରେ ଲୋକଙ୍କର ଆସ୍ଥା ଏହି ନିର୍ବାଚନ ଫଳାଫଳରୁ ପ୍ରତିଫଳିତ ହେଉଛି । ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ଫଳାଫଳ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ଶାହା କହିଛନ୍ତି, ମତଦାନ ହାର ବୃଦ୍ଧି ଏବଂ ବିଜେପିକୁ ବହୁ ଆସନରେ ବିଜୟୀ କରିଥିବାରୁ ଦଳ ପ୍ରତି ଜାମ୍ମୁ କାଶ୍ମୀରବାସୀଙ୍କର ଆଶୀର୍ବାଦ ରହିଛି । ଜାମ୍ମୁ କାଶ୍ମୀରରେ ବିକାଶ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

ନ୍ୟାସନାଲ୍ କନ୍‌ଫରେନ୍ସ ସଭାପତି ଫାରୁକ ଅବଦୁଲ୍ଲା ନିର୍ବାଚନ ଫଳାଫଳ ନେଇ ଜାମ୍ମୁ କାଶ୍ମୀରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜାମ୍ମୁ କାଶ୍ମୀରରେ ବେକାରୀ, ମୁଦ୍ରାସ୍ଫିତି ଏବଂ ନିଶା କାରବାର ଉପରେ ନ୍ୟାସନାଲ୍ କନ୍‌ଫରେନ୍ସ ସରକାର କାର୍ଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ଇସି-ଜୟରାମ ରମେଶ

ହରିଆଣା ବିଧାନସଭା ନିର୍ବାଚନ ଫଳାଫଳକୁ ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ କରିବାରେ ବିଳମ୍ବ ହୋଇଥିବା ସଂକ୍ରାନ୍ତ କଂଗ୍ରେସ ନେତା ଜୟରାମ ରମେଶଙ୍କ ଦାବିକୁ ନିର୍ବାଚନ ଆୟୋଗ ଖଣ୍ଡନ କରିଛନ୍ତି । ଏହାକୁ ଅମୂଳକ

ବୋଲି କହିବା ସହ ଆୟୋଗ ପ୍ରତି ୫ ମିନିଟ୍‌ରେ ନିର୍ବାଚନ ମଣ୍ଡଳୀ ଗୁଡ଼ିକର ସମସ୍ତ ୨୫ଟି ରାଉଣ୍ଡର ତଥ୍ୟ ଅପ୍‌ଡେଟ୍ କରାଯାଇଛି ବୋଲି କହିଛନ୍ତି । ଫଳାଫଳ ଅପ୍‌ଡେଟ୍ କରିବାରେ ବିଳମ୍ବ ସଂକ୍ରାନ୍ତ ଅଭିଯୋଗ ନେଇ କୌଣସି ପ୍ରାମାଣିକ ତଥ୍ୟ ନାହିଁ ବୋଲି ଆୟୋଗ ସ୍ୱଷ୍ଟ କରିଛି ।

# ନିର୍ମଳା ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ବ୍ୟାଙ୍କ୍ ଗୁଡ଼ିକର ସ୍ଥିତି ସିଧାସଳଖ ସାମଗ୍ରୀକ ଅର୍ଥନୀତି ଓ ପାରିବାରିକ ଆର୍ଥିକ ସ୍ଥିରତାକୁ ପ୍ରଭାବିତ କରୁଛି । ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ସୀତାରମଣ କହିଛନ୍ତି, ଆହ୍ୱାନକୁ ହ୍ରାସ କରିବା ସହ ଆର୍ଥିକ ସୁବିଧା ସୃଷ୍ଟି କରିବା ଲକ୍ଷ୍ୟରେ ବ୍ୟାଙ୍କ୍ ଗୁଡ଼ିକ ଋଣ ଦେବାରେ ବୁଦ୍ଧିମତା ଅବଲମ୍ବନ କରିବା ଉଚିତ୍ । ଅତ୍ୟଧିକ ଋଣ ନ ଦେବା ପାଇଁ ପରାମର୍ଶ ଦେବା ସହ ମନ୍ତ୍ରୀ ସୀତାରମଣ ଲାଭ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଦିଗକୁ ଲକ୍ଷ୍ୟ ରଖିବା ଲାଗି ବ୍ୟାଙ୍କ୍ ଗୁଡ଼ିକୁ କହିଛନ୍ତି ।

ଅତ୍ୟାଧୁନିକ ଜ୍ଞାନକୌଶଳ ଅବଲମ୍ବନ ଏବଂ ସାଇବର ନିରାପତ୍ତା ପେସାଦାରଙ୍କ ସହାୟତା ନେବାକୁ ଅର୍ଥମନ୍ତ୍ରୀ ବ୍ୟାଙ୍କ୍ ଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଯୋଗ୍ୟ ଯୁବବର୍ଗଙ୍କୁ ଇଣ୍ଟର୍ଣ୍ଣସିପ୍ ଯୋଜନାର ଲାଭ ଉଠାଇବାକୁ ମନ୍ତ୍ରୀ ସୀତାରମଣ ପରାମର୍ଶ ଦେବା ସହ ଏ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବାକୁ ବ୍ୟାଙ୍କ୍ ଏବଂ ଆର୍ଥିକ ଅନୁଷ୍ଠାନ ଗୁଡ଼ିକୁ ଅନୁରୋଧ କରିଛନ୍ତି ।

## ଡବ୍ଲ୍ୟୁଏଚ୍ଓ

ଚଳିତ ବର୍ଷ ଟ୍ରାକୋମା ରୋଗକୁ ଜନସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରୁ ଦୂରେଇବାରେ ଭାରତ ସଫଳତା ହାସଲ କରିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁ.ଏଚ୍.ଓ. ଘୋଷଣା କରିଛି । ନୂଆଦିଲ୍ଲୀ ଠାରେ ଗତକାଲି ଅନୁଷ୍ଠିତ ଡବ୍ଲ୍ୟୁ.ଏଚ୍.ଓ.ର ଆଞ୍ଚଳିକ କମିଟି ବୈଠକରେ ଏ ସଂକ୍ରାନ୍ତ ସାର୍ଟିଫିକେଟ୍ ଭାରତକୁ ପ୍ରଦାନ କରାଯାଇଛି । ଦକ୍ଷିଣ ପୂର୍ବ ଏସିଆ ଅଞ୍ଚଳର ତୃତୀୟ ଦେଶ ଭାବେ ଭାରତ ଏହି ସଫଳତା ହାସଲ କରିଥିବା ଜଣାପଡ଼ିଛି । ଟ୍ରାକୋମା ହେଉଛି ଏକ ଜୀବାଣୁ ସଂକ୍ରମିତ ରୋଗ । ଯାହା ଆଖିକୁ ପ୍ରଭାବିତ କରିଥାଏ । ୧୯୫୦-୬୦ ମସିହାରେ ଦେଶରେ ଟ୍ରାକୋମା ଅନ୍ଧତ୍ୱର ପ୍ରମୁଖ କାରଣ ଥିଲା । ସଂକ୍ରମଣର ମୁକାବିଲା ପାଇଁ କେନ୍ଦ୍ର ସରକାର ୧୯୬୩ ମସିହାରେ ଜାତୀୟ ଟ୍ରାକୋମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ।

## ଜାତିସଂଘ ମହାସଚିବ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଉଭୟ ଗାଜା ଏବଂ ଲେବାନନ୍‌ରେ ତୁରନ୍ତ ଅସ୍ତ୍ରବିରତି ପାଇଁ ଆହ୍ୱାନ ଦେଇଛନ୍ତି । ସେହି ଅଞ୍ଚଳରେ ଯୁଦ୍ଧର ଆଶଙ୍କା ବୃଦ୍ଧି ପାଉଛି ବୋଲି ଗୁଟେରସ୍ ଚେତାବନୀ ଦେଇଛନ୍ତି । ଇସ୍ରାଏଲ୍ ସଂସଦରେ ପାରିତ ହୋଇଥିବା ଦୁଇଟି ବିଲ୍‌କୁ ନେଇ ଶ୍ରୀ ଗୁଟେରସ୍ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ପାଇଁ ଜାତିସଂଘ ପକ୍ଷରୁ ନିଆଯାଉଥିବା କାର୍ଯ୍ୟକଳାପକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ଏ ନେଇ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍

ନେତାନ୍ୟାହୁଙ୍କୁ ସେ ବ୍ୟକ୍ତିଗତ ଭାବେ ଚିଠି ଲେଖିଛନ୍ତି । ଲେବାନନ୍‌ରେ ବୃଦ୍ଧି ପାଉଥିବା ମାନବିକ ସଂକଟକୁ ଦୃଷ୍ଟିରେ ରଖି କାତାର ଲେବାନନ୍‌ଙ୍କୁ ଚିକିତ୍ସା ସାମଗ୍ରୀ ଏବଂ ଖାଦ୍ୟ ସହାୟତା ପରିବହନ ପାଇଁ ପଦକ୍ଷେପ ନେଇଛି । କାତାରରେ ଆନ୍ତର୍ଜାତିକ ସହଯୋଗ ରାଷ୍ଟ୍ର ମନ୍ତ୍ରୀ ଲୋଲ୍‌ଓ୍ୱାହା ଅଲ୍ ଖତେର୍ ବେରୁଟ୍‌ର ଏକ ସରକାରୀ ଡାକ୍ତରଖାନାରୁ ଏହି ସହାୟତା ଅଭିଯାନ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି ।

ଅନ୍ୟ ପକ୍ଷରେ ପଶ୍ଚିମ ଏସିଆରେ ସଂଘର୍ଷ ତୀବ୍ର ହୋଇଛି । ଇସ୍ରାଏଲ୍‌ର ହାଇଫା ସହର ଉପରେ ହିଜ୍‌ବୁଲ୍ଲା ଗତକାଲି ରକେଟ୍ ମାଡ଼ କରିଛି । ଇସ୍ରାଏଲ୍ ବିରୁଦ୍ଧରେ ଆକ୍ରମଣ ବଜାୟ ରଖିବାକୁ ହିଜ୍‌ବୁଲ୍ଲା ଆତଙ୍କବାଦୀ ସଂଗଠନ ଘୋଷଣା କରିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ସେନା ହିଜବୁଲ୍ଲାର ପୂର୍ବତନ ନେତା ହସନ୍ ନସ୍‌ରୁଲାଙ୍କ ସମ୍ଭାବ୍ୟ ହିତାଧିକାରୀଙ୍କୁ ନିପାତ କରିଛି ।

## ସିଏଜି-କନ୍‌ଫରେନ୍ସ

ଭାରତର ନିୟନ୍ତ୍ରକ ଓ ଅଡିଟର ଜେନେରାଲ୍ ସି.ଏ.ଜି. ଗିରିଶ ଚନ୍ଦ୍ର ମୁର୍ମୁ ନୂଆଦିଲ୍ଲୀ ଠାରେ ଗତକାଲି ପ୍ରଥମ ରାଜ୍ୟ ଅର୍ଥ ସଚିବ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ଏବଂ କେନ୍ଦ୍ର ସରକାର ବ୍ୟୟର ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ଗୁଡ଼ିକରେ ମାସିକ ଆକାଉଣ୍ଟକୁ ଚୂଡ଼ାନ୍ତ କରିବା ପାଇଁ ସହଯୋଗ ପ୍ରଦାନ କରିବାକୁ ଅଂଶିଦାରମାନଙ୍କୁ ଶ୍ରୀ ମୁର୍ମୁ ଅନୁରୋଧ କରିଥିଲେ । ଏହି ସମ୍ମିଳନୀରେ ହୋଇଥିବା ବିଚାର ବିମର୍ଷ ଏବଂ

ସହମତି ସାର୍ବଜନୀନ ଆର୍ଥିକ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେବ । ଏହି ସମ୍ମିଳନୀରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆର୍ଥିକ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ ।

## ମହିଳା କ୍ରିକେଟ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ ଭାରତ-ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଦୁବାଇ ଠାରେ ଖେଳାଯିବ । ଦକ୍ଷିଣ ଆଫ୍ରିକା ଏବଂ ସ୍କଟ୍‌ଲାଣ୍ଡ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍ ଆଜି ଅପରାହ୍ନ ସାଢ଼େ ୩ଟାରେ ଦୁବାଇରେ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଠାରୁ ପରାଜିତ ହେବା ପରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ୬ ୱିକେଟ୍‌ରେ ବିଜୟୀ ହୋଇଛି । ଅନ୍ୟ ପକ୍ଷରେ ଶ୍ରୀଲଙ୍କା’ ପାକିସ୍ତାନ ଏବଂ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି ।

ଗତକାଲି ସାରଜା ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡକୁ ୬୦ରନ୍‌ରେ ପରାସ୍ତ କରିଛି ।

# କ୍ରିକେଟ୍

ଭାରତ ଏବଂ ବାଂଲାଦେଶ ମଧ୍ୟରେ ଚଳିତ ଟି-ଟ୍ୱେଣ୍ଟି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ନୂଆଦିଲ୍ଲୀ ଠାରେ ଖେଳାଯିବ । ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ପ୍ରଥମ ମ୍ୟାଚ୍‌ଟି ଜିତି ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି ।